# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ


(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ), ସ୍ଥାପିତ - ୦୭-୦୮-୧୯୭୭

ରେଜିଷ୍ଟ୍ରେସନ ନଂ.- ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

କାର୍ଯ୍ୟାଳୟ - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, , ନୟାପଲ୍ଲୀ, ଭୁବନେଶ୍ୱର – ୭୫୧ ୦୧୫

e-mail :- aoubea@gmail.com, ୱେବ ସାଇଟ୍ www.aoubea.org


ପରିପତ୍ର ସଂଖ୍ୟା :- ୨୮-୨୦୧୮ ଭୁବନେଶ୍ୱର

ପ୍ରାପ୍ତେଷୁ –ସମସ୍ତ ୟୁନିଟ ୨୨/୦୮/୨୦୧୮

ପ୍ରିୟ କମ୍ରେଡ୍,

ଇତି ମଧ୍ୟରେ ସବ୍-ଷ୍ଟାଫ ପଦବୀରୁ କିରାଣୀ ପଦକୁ ପଦୋନ୍ନତି ପାଇଥିବା ସାଥିମାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କର୍ତ୍ତୃପକ୍ଷ ତା ୦୯.୦୮.୨୦୧୮ ରଖ ରେ ନିମ୍ନମତେ ନିଯୁକ୍ତି ଆଦେଶ ଜାରି କରିଛନ୍ତି ।

| କ୍ର.ନଂ. | ସାଥିଙ୍କ ନାମ | କେଉଁ ଶାଖାରେ କାର୍ଯ୍ୟ କରୁଛନ୍ତି | କେଉଁ ଶାଖାକୁ ପୋଷ୍ଟିଂ ଆଦେଶ ପାଇଲେ |
|---|---|---|---|
| ୧ | ବୈକୁଣ୍ଠନାଥ ଗୋଛାୟତ | ଶାସ୍ତ୍ରୀନଗର | ସାମନ୍ତପୁର |
| ୨ | ବୈଶାଖୁ କାଲ୍‌ସା | କଲେଜ ଛକ | ଚଣ୍ଡୀ ଛକ (କଟକ) |
| ୩ | କମରା ନାଏକ | ନାକ୍‌ଟିଦେଉଲ୍ | କୁଣ୍ଢେଇଗୋଲା |
| ୪ | ଅଟା ଖାକ୍ସା | ବଡମାଲ | ସିଭିଲ ଟାଉନ ସିପ୍ (ରାଉରକେଲା) |
| ୫ | ସୁରେନ୍ଦ୍ର ସେନାପତି | ଭଦ୍ରକ | କେସୁଦୂରାପାଳ |
| ୬ | ପୂର୍ଣ୍ଣ ଚନ୍ଦ୍ର ମଣ୍ଡଳ | ପାରଳାଖେମୁଣ୍ଡି | ପାରଳାଖେମୁଣ୍ଡି |
| ୭ | ରବି ଚନ୍ଦ୍ର ଓରାମ | ଠେଲ୍‌କୋଲି | ଖରିୟାର ରୋଡ୍ |
| ୮ | କପୂରା ହାଁସଦା | ଦାମୋଦରପୁର | ତୁରଙ୍ଗ |

## ସାଧାରଣ ବୈଠକ ଓ ଆମ ୱେବ ସାଇଟ୍ ର ଐତହସିକ ଶୁଭାରମ୍ଭ :

ଗତ ୧୨.୦୮.୨୦୧୮ ତାରିଖରେ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଠାରେ ଆମ ସଂଗଠନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇ ଅଛି । ଏହି ବୈଠକରେ ପ୍ରଥମେ ଆମ ରାଜ୍ୟ ସଂଗଠନ ର ବହୁ ପ୍ରତିକ୍ଷିତ ୱେବ ସାଇଟ www. aoubea. org ର ଆମ ବରିଷ୍ଠ ନେତୃତ୍ୱ ସାଥୀ ପ୍ରଦୀପ କୁମାର ଷଡଙ୍ଗୀ, ସୁଧାଂଶୁ ଶେଖର ପଣ୍ଡା ଓ ଅଶୋକ କୁମାର ଦାସ ମିଳିତ ଭାବେ ଶୁଭାରମ୍ଭ କରିଥିଲେ । ସାଥୀ ଅଶୋକ ଦାସ ତାଙ୍କ ଅଭିଭାଷଣରେ ୱେବ ସାଇଟ ର ମହତ୍ୱ,ଏହାର ଉପଯୋଗୀତା ଓ ଏହାର ଆବଶ୍ୟକତା କିପରି ଭାବ ରେ ଆଜିର ଏ ଡିଜିଟାଲ ଦୁନିଆରେ ଗୁରୁତ୍ୱ ବହନ କରେ ସାଥିମାନଙ୍କୁ ବୁଝାଇଥିଲେ ଏବଂ ଆଜିଠାରୁ ଏହି ୱେବ ସାଇଟ ଲୋକାର୍ପିତ ହେଲା ବୋଲି ଘୋଷଣା କରିଥିଲେ ।ଏହା ପରେ ଆମ ବ୍ୟାଙ୍କ ରେ ଆମ ରାଜ୍ୟ ପାଇଁ ଉଦିଷ୍ଟ IBPS ମାଧ୍ୟମରେ ନୂତନ କରି ଯୋଗ ଦେଇ ଥିବା ୧୫ ଜଣ ସାଥି ଓ ବାହାର ରାଜ୍ୟ ରୁ ବଦଳି ହୋଇ ଆସିଥିବା ୪ ଜଣ ସାଥୀଙ୍କୁ ଜଣ ଜଣ କରି ସମସ୍ତଙ୍କୁ ଆମ ରାଜ୍ୟ ସଂଗଠନ ତରଫରୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।

**ସମ୍ବର୍ଦ୍ଧନା** : ଏହି ସ୍ୱାଗତ ପର୍ବ ପରେ ସାଥୀ ଶ୍ରୀଯୁକ୍ତ ଦେବଦତ୍ତ ମହାନ୍ତିଙ୍କୁ ଆମ ସଂଗଠନ ତରଫରୁ ଶ୍ରୀଯୁକ୍ତ ଅଶୋକ କୁମାର ଦାସ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାରଣ ସାଥୀ ଦେବଦତ୍ତ ମହାନ୍ତି ଯିଏ କି ଉପ ସାଧାରଣ ସମ୍ପାଦକ ଭାବେ ଦୀର୍ଘ ଦିନ ଧରି ଆମ ସଂଗଠନ ର ନେତୃତ୍ୱ ରେ ରହି ସଂଗଠନ ପାଇଁ ନିଜର ଦାଇତ୍ୱ ସୂଚାରୁ ରୂପେ ତୁଲାଇଛନ୍ତି । ତାଙ୍କ ସମୟରେ ସେ ଆମ ସଂଗଠନର ସମସ୍ତ ରେକର୍ଡ କୁ ସଠିକ ଭାବରେ କମ୍ପୁଟର ମାଧ୍ୟମରେ ସଂଚାଳନ କରୁଥିଲେ,ସାମାଜିକ ଗଣମାଧ୍ୟମର ଉପଯୋଗିତା କରି (ୱାଟସପ ଗ୍ରୁପରେ ,ମୋବିଲେଫୋନ କୁ ଏସଏମଏସ ଓ ସମସ୍ତ ଶାଖାକୁ ଇ ମେଲ ମାଧ୍ୟମରେ ବାର୍ତ୍ତା ପଠାଇ ସାଥୀ ମାନଙ୍କ ପାଖରେ ପହଞ୍ଚାଇ ପାରୁଥିଲେ )ଯାହା ଉଚିତ ସମୟରେ ସଂଗଠନର ଅବଶ୍ୟକତା କୁ ପୂରଣ କରିବାରେ ସାହାଯ୍ୟ କରୁଥିଲା । ତାଙ୍କର ସେହି ପଦକ୍ଷେପ ଆଜି ଆମ ସଂଗଠନର ୱେବ ସାଇଟ କରିବାରେ ବହୁତ ଦରକାରୀ ସାବ୍ୟସ୍ତ ହୋଇଛି । ସେ ସାଥୀ ମାନଙ୍କ ମଧ୍ୟରେ ଦେବୁ ବାବୁ ନାମରେ ଅତି ପରିଚିତ ଥିଲେ ତାଙ୍କ ଦ୍ୱାରା ଜାରି କରାଯାଉଥିବା ସର୍କୁଲାର ପାଠ କରି ସାଥୀ ମାନେ ସଂଗଠନ ବାବଦରେ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମନୋଭାବ ସମ୍ବନ୍ଧ ରେ ଅନେକ କଥା ଜାଣିପାରୁଥିଲେ । ସେ ଇତି ମଧ୍ୟରେ ଅଫିସର ପଦକୁ ପଦୋନ୍ନତି ନେଇଛନ୍ତି । ଆମ ସଂଗଠନ ତାଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ତାଙ୍କର ଉଜ୍ୱଳ ମୟ ଭବିଷ୍ୟତ ର କାମନା କରୁଛି ।

**୧୧ ତମ ଦ୍ୱିପାକ୍ଷିକ ରାଜିନାମା :** ସାଥୀ ଷଡଙ୍ଗୀ ୧୧ ତମ ଦ୍ୱିପାକ୍ଷିକ ରାଜିନାମା ର ଅଗ୍ରଗତି ବିଷୟରେ ଗୋଟି ଗୋଟି କରି ଅତି ପ୍ରାଞ୍ଜଳ ଭାବରେ ସାଥୀ ମାନଙ୍କୁ ଜଣାଇଥିଲେ ଯେ କିପରି ଭାବରେ ଆଇ. ବି. ଏ. କର୍ତ୍ତୃପକ୍ଷ ସ୍କେଲ ୩ ଅଧିକାରୀ ମାନଙ୍କୁ ଏହି ମଜୁରି ବୃଦ୍ଧି ରାଜିନାମରେ ସୀମିତ ରଖି ଅଧିକାରୀ ମାନଙ୍କ ମଧ୍ୟରେ ବିଭାଜନ ନିମନ୍ତେ ଚକ୍ରାନ୍ତକାରୀ ପଦକ୍ଷେପ ମାନ ଗ୍ରହଣ କରୁଛନ୍ତି ଓ କର୍ମଚାରୀ ମାନଙ୍କ ପରିବାର ମାରଣ ନୀତି ଆପଣଉଛନ୍ତି ଏବଂ ବ୍ୟାଙ୍କ ଶିଳ୍ପର ସମୂହ କ୍ଷତି ର ଆଳ ଦେଖାଇ ରାଜିନାମାକୁ ଅଗ୍ରଗତି ନକରାଇ ଟାଳ ଟୁଳ ନୀତି ଅବଲମ୍ବନ କରୁଛନ୍ତି ।

**ନୂତନ ନେତୃତ୍ୱ :** ଏହି ବୈଠକରେ ଆମ ସଂଗଠନର ନିମ୍ନୋକ୍ତ ପଦ ପାଇଁ ସାଥି ମାନଙ୍କ  ନାମ ସାଧାରଣ ସମ୍ପାଦକ ସାଥୀ ଅଜୟ କୁମାର ମହାନ୍ତି ପ୍ରସ୍ତାବ ଆଣିଥିଲେ ଏବଂ ସମସ୍ତ ସଭ୍ୟ/ସଭ୍ୟା ଏହି ପ୍ରସ୍ତାବ କୁ ଅନୁମୋଦନ କରିଥିଲେ ।

| କ୍ର.ନ. | ସାଥିଙ୍କ ନାମ | ଶାଖା | କେଉଁ ପଦବୀ ପାଇଲେ | କେଉଁ ପଦବୀରେ ଥିଲେ |
|---|---|---|---|---|
| ୧ | ସରୋଜ କୁମାର ନାୟକ | ମହୁରା | ଉପ ସାଧାରଣ ସମ୍ପାଦକ | ସାଙ୍ଗଠନିକ ସମ୍ପାଦକ |
| ୨ | ବଳରାମ ମହନ୍ତ | ଆଇଗିଣିଆ | ସାଙ୍ଗଠନିକ ସମ୍ପାଦକ | ସହ ସମ୍ପାଦକ |
| ୩ | ଶରତ ଚନ୍ଦ୍ର ସେନାପତି | ଭୁବନେଶ୍ୱର  (ମୁଖ୍ୟ ) | ସହ ସମ୍ପାଦକ | ଇ ସି  ମେମ୍ବର |
| ୪ | ବେଣୁଧର ସାହୁ | ପୋଖରୀପୁଟ | ଇ ସି  ମେମ୍ବର | ମେମ୍ବର |
| ୫ | ରବି ଚନ୍ଦ୍ର ଓରାମ | ଖରିୟାର ରୋଡ୍ | ଇ ସି  ମେମ୍ବର | ମେମ୍ବର |

ବି ଦ୍ର : ଆମର  ଇ ସି  ମେମ୍ବର ସାଥୀ ଶରତ ଚନ୍ଦ୍ର ସେନାପତି  ସହ ସମ୍ପାଦକ ହେବାରୁ ତାଙ୍କ ସ୍ଥାନରେ ସାଥୀ ବେଣୁଧର ସାହୁ ଓ ଇ ସି  ମେମ୍ବର ସାଥୀ ଶ୍ରୀବତ୍ସ କହ୍ନର ଅଫିସର ଭାବେ ପଦୋନ୍ନତି ପାଇଥିବାରୁ ତାଙ୍କ ସ୍ଥାନରେ ସାଥୀ ରବି ଚନ୍ଦ୍ର ଓରାମ ଇ ସି ମେମ୍ବର ଭାବରେ ନିର୍ବାଚିତ ହେଲେ।

**ବାହାରୁ ରାଜ୍ୟରୁ ବଦଳି** : ଆମ ରାଜ୍ୟ ସଂଗଠନ ର କର୍ତ୍ତୃପକ୍ଷଙ୍କ ଠାରେ ଲଗାତାର ଚାପ ଫଳରେ ନିମ୍ନୋକ୍ତ ୩ ଜଣ ସାଥି ବାହାର ରାଜ୍ୟରୁ ବଦଳି ହୋଇ SWO –A ହିସାବରେ ଅମରାଜ୍ୟରେ ଯୋଗ ଦେଇଛନ୍ତି ।

| କ୍ର ନ | ସାଥିଙ୍କ ନାମ | କେଉଁ ଶାଖା/ରିଜୋନ ରୁ ଆସିଲେ | କେଉଁ ଶାଖା ରେ ଯୋଗ ଦେଲେ |
|---|---|---|---|
| ୧ | ବଲ୍ଲଭ  ବିଶ୍ୱାଳ | କପସାନ / ଉଦୟପୁର (ରାଜସ୍ଥାନ) | ବଡ଼ବିଲ୍ |
| ୨ | ନଗେନ୍ଦ୍ର ରାଉତ | ବ୍ୟାଗୀ /ମାଙ୍ଗାଲୋର  (କର୍ଣ୍ଣାଟକ) | ବାଲିଚନ୍ଦ୍ରପୁର |
| ୩ | ଅନାମିକା ମଜୁମଦାର | ରସୋଇୟା ଧମ୍ନା /ରାଞ୍ଚି (ବିହାର) | ବେଦବ୍ୟାସ (ରାଉରକେଲା) |

**ଅନୁରୋଧ ବଦଳି :**-ନିମ୍ନୋକ୍ତ ୨ ଜଣ ସାଥି ଅନୁରୋଧ ବଦଳିରେ ରିଲିଭ ହୋଇଛନ୍ତି ।

| କ୍ର ନ | ସାଥିଙ୍କ ନାମ | ପଦବୀ | ଶାଖା | କେଉଁ ଶାଖା ରେ ଯୋଗ ଦେଲେ |
|---|---|---|---|---|
| ୧ | ସତ୍ୟନାରାୟଣ  ବ୍ରହ୍ମା | SWO –A | ବାଲିଚନ୍ଦ୍ରପୁର | କଟକ (ମୁଖ୍ୟ) |
| ୨ | ଅରୁଣ କୁମାର ଜେନା | H/K - ଦପ୍ତରୀ | କଟକ ରୋଡ | ଆଠଗଡ଼ |

**ଜୋନାଲ କମିଟି ବୈଠକ :** ତା ୨୦/୦୮/୨୦୧୮ ରିଖ ଦିନ ରାଞ୍ଚି ଠାରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ବୈଠକରେ ଆମ ରାଜ୍ୟ ସଂଗଠନ ତରଫରୁ ସାଥି ପ୍ରଦୀପ ଷଡଙ୍ଗୀ ,ଅଜୟ ମହାନ୍ତି ,ସୁରେଶ ନାୟକ,ସରୋଜ ନାୟକ ଓ ସାଥି ଶରତ ସେନାପତି ପ୍ରତିନିଧିତ୍ୱ କରିଥିଲେ । ବୈଠକର ପ୍ରଥମ ଅଧିବେଶନ ରେ ୩ଟି ରାଜ୍ୟର ବିଭିନ୍ନ ଘଟଣା ବଳି ଉପରେ ଆଲୋଚନା ହୋଇ ଥିଲା , ତିନୋଟି ନୂତନ ରିଜିଓନାଲ ଅଫିସ ବ୍ରହ୍ମପୁର(ଓଡିଶା),ଭାଗଲପୁର (ବିହାର) ଓ ଧାନବାଦ (ଝାଡଖଣ୍ଡ) ଖୋଲିବା ଉପରେ ଗୁରୁତ୍ୱ ଦିଆଯାଇଥିଲା, ଝାଡଖଣ୍ଡ ଡି ଜି ଏମ ଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ମନମୁଖୀ କାର୍ଯ୍ୟକଳାପ ର ଦୃଢ ପ୍ରତିବାଦ କରଯାଇଥିଲା । ଅଧିକରୁ ଅଧିକ କ୍ଲର୍କ ଓ ସବ୍-ଷ୍ଟାଫ୍ ମାନଙ୍କୁ ନିଯୁକ୍ତି ଦେବା , କ୍ଷତି ର ଆଳ ଦେଖାଇ ଶାଖା ମାନଙ୍କୁ  ମିଶ୍ରଣ କରିବା , ସମ୍ବଲପୁର ଓ ରାଞ୍ଚି ଠାରେ ଅନୁମତି ପାଇ ସାରିଥିବା କରେନ୍ସି ଚେଷ୍ଟ କୁ କାର୍ଯ୍ୟକ୍ଷମ କରାଇ ସେଥିରେ ଆର୍ମ ଗାର୍ଡ ମାନଙ୍କୁ ନିଯୁକ୍ତି ଦେବା  ବିଷୟରେ ଆଲୋଚନା ହୋଇ ଥିଲା । ବୈଠକ ଶେଷରେ ଜୋନଳ କମିଟି ର ୮ଜଣ ପ୍ରତିନିଧି ଜୋନଲ ଅଫିସ୍ ଯାଇ ଜେନେରାଲ ମ୍ୟାନେଜର ଶ୍ରୀଯୁକ୍ତ ଅତୁଲ କୁମାର ମହୋଦୟ ଙ୍କୁ ସାକ୍ଷାତ କରିଥିଲେ ଓ ତାଙ୍କ ସହିତ ଆଲୋଚନା କରାଯାଇଥିବା ଉପୋରକ୍ତ ଘଟଣା ବଳିକୁ ଦୀର୍ଘ ୨ଘଣ୍ଟା ରୁ ଉର୍ଦ୍ଧ ସମୟ ଧରି ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ ।

କେନ୍ଦ୍ର ଫେଡେରେସନ୍ ର ଷ୍ଟ୍ରଗଲ ଫଣ୍ଡ ପାଣ୍ଠି ସଂଗ୍ରହ ଉଦେଶ୍ୟରେ ଆପଣ ମାନଙ୍କୁ ଅନୁରୋଧ ଯେ ଯେଉଁ ସାଥି ମାନେ ଓଭର ଟାଇମ ଭତ୍ତା ପାଇସାରିଛନ୍ତି  ସେମାନେ ୨୦୦ ଟଙ୍କା କରି ଆମରଜ୍ୟ ସଂଗଠନ a/c 407102070007603 କୁ ଯଥା ଶୀଘ୍ର ପଠାଇବେ । ସମସ୍ତ ରାଶି ମିଳିସାରିବା  ପରେ ତାହା ଅଲ ଇଣ୍ଡିଆ ଫେଡେରେସନ୍ କୁ ପଠାଯିବ ।

**ବୋନସ୍:** ବ୍ୟାଙ୍କ କର୍ତ୍ତୃପକ୍ଷ ବର୍ଷ ୧୭-୧୮ ପାଇଁ ବୋନସ୍  ସର୍କୁଲାର ସଂଖ୍ୟା ୬୮୩୧ ତାରିଖ ୦୭.୦୮.୨୦୧୮ ଜାରି କରିଛନ୍ତି । ବର୍ଷ ର ଯେଉଁ ଯେଉଁ  ମାସ ପାଇଁ ସାଥି ମାନଙ୍କ ଦରମା(ବେସିକ ପେ+ଡି ଏ (-ଅଫିସିଏଟିଙ୍ଗ ଉପରେ ମିଳୁଥିବା ଡି ଏ )+ସ୍ପେଶାଲ ଆଲାଓଏନ୍ସ+ଗ୍ରେଡ ପେ+ଗ୍ରେଡ ପେ ଉପରେ ମିଳୁଥିବା ଡି ଏ ) ୨୧୦୦୦  ରୁ ଅଧିକ ହୋଇନଥିବ ସେମାନେ ସମସ୍ତେ ସେଇ ମାସ ପାଇଁ  ବୋନସ୍ ପାଇବା ପାଇଁ ଯୋଗ୍ୟ ଅଟନ୍ତି ।  ଯେଉଁ ସାଥି ମାନେ ଏ ପର୍ଯ୍ୟନ୍ତ ବୋନସ୍ ନେଇ ନାହାନ୍ତି ସେମାନେ ଶୀଘ୍ର ନେବା ପାଇଁ ଯତ୍ନବାନ ହେବେ ।

ଅଜୟ କୁମାର ମହାନ୍ତି

ଧାରଣ ସମ୍ପାଦକ

Address-Gen. Secy,,AOUBEA, c/o Union Bank of India, Nayapalli Branch, 3/1-A,Civic Centre, IRC Village, Nayapalli, Bhubaneswar-751015